# ପୌର ପରିଷଦ : କୋରାପୁଟ

ପତ୍ର ସଂଖ୍ୟା - ୬୦୬୬          ତାରିଖ- ୧୧/୦୫/୨୦୨୬

## ଟେଣ୍ଡର ନୋଟିସ

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କୋରାପୁଟ ପୌର ପରିଷଦ ଅଧିନସ୍ଥ ନିମ୍ନଲିଖିତ ସୈରାତ ଗୁଡିକ ତା-୦୧. ୬ . ୨୦୨୬ ଠାରୁ ତା ୩୧. ୦୫. ୨୦୨୭ ପର୍ଯ୍ୟନ୍ତ ନିଲାମ ଦିଆଯିବା ନିମନ୍ତେ କୋରାପୁଟ ପୌର ପରିଷଦ, କୋରାପୁଟ ନିର୍ଦ୍ଦିଷ୍ଟ ଫର୍ମ ରେ ଲଫାମୁଦ ଟେଣ୍ଡର ଆବାହନ କରୁଅଛନ୍ତି । ଉକ୍ତ ଟେଣ୍ଡର ନିମନ୍ତେ ଧାର୍ଯ ଫର୍ମ ମୂଲ୍ୟ ( ଅଣ-ଫେରସ୍ତ ) ପରିଷଦର କ୍ୟାସିୟରଙ୍କ ନିକଟରେ DD/Bankers Cheque ପେଠ ଦେଇ ତା-୧୩.୦୫.୨୦୨୬ ଠାରୁ ତା-୨୧.୦୫.୨୦୨୬ ରିଖ ଅପରାହ୍ନ ଘ ୪.୦୦ ଟିକା ସମୟ ମଧରେ କ୍ରୟ କରି ତା-୨୭.୦୫.୨୦୨୬ ରିଖ ଅପରାହ୍ନ ଘ ୨.୦୦ ଟିକା ମଧରେ ରେଜିଷ୍ଟ୍ରୀ ଡାକ/ ସ୍ପୀଡ ପୋଷ୍ଟ ଦ୍ଵାରା ନିମ୍ନ ସ୍ଵାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ପହଁଚିବା ଆବଶ୍ୟକ। ତା-୨୭.୦୫.୨୦୨୬ ରିଖ ଅପରାହ୍ନ ୪.୦୦ ଟିକା ସମୟରେ ଟେଣ୍ଡରଦାତା କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଉକ୍ତ ଟେଣ୍ଡର କାଗଜ ଗୁଡିକ ଖୋଲାଯିବ । ଯେଉଁମାନେ ଟେଣ୍ଡରକୁ ଠିକ ଭାବରେ ଦର୍ଶାଯାଇଥିବା ସର୍ତାବଳୀ ଅନୁସାରେ ଦାଖଲ କରିନଥିବେ ତାଙ୍କର ଟେଣ୍ଡର ଟି ନାକଚ କରାଯିବ । ଟେଣ୍ଡର ପକାଇବା ପାଇଁ ଇଚ୍ଛୁକ ବ୍ୟକ୍ତି ସୈରାତ ପାଇଁ ନିର୍ଦ୍ଦିଷ୍ଟ ଫର୍ମରେ ନିମ୍ନରେ ଲେଖାଯାଇଥିବା ଅମାନତ ଟଙ୍କା ନିର୍ବାହୀ ଅଧିକାରୀ, ପୌର ପରିଷଦ, କୋରାପୁଟଙ୍କ ନାମରେ Demand Draft କରି ଟେଣ୍ଡର ଫର୍ମ ସହିତ ଦାଖଲ କରିବେ । ଲଫାପା ଉପରେ ଟେଣ୍ଡର ଦାଖଲ କରୁଥିବା ସୈରାତର ନାମ ଉଲ୍ଲେଖ କରିବେ । ଟେଣ୍ଡର ଦାତାମାନେ ନିମ୍ନଲିଖିତ ସର୍ତାବଳୀମାନ ପାଳନ କରିବେ ନଚେତ୍ ଟେଣ୍ଡରଟି ଅଗ୍ରାହ୍ୟ ହେବ । ଟେଣ୍ଡର ସମ୍ବନ୍ଧୀୟ ଅନ୍ୟାନ ସର୍ତାବଳୀ ପରିଷଦ କାର୍ଯ୍ୟାଳୟରେ ତା-୧୩.୫.୨୦୨୬ ଠାରୁ ତା-୨୧.୫.୨୦୨୬ ରିଖ ମଧରେ କାର୍ଯ୍ୟ ଦିବସ ଗୁଡିକରେ ପୂର୍ବାହ୍ନ ୧୦.୩୦ ରୁ ୪.୩୦ ମଧରେ କାର୍ଯ୍ୟାଳୟରେ କିମ୍ବା ପରିଷଦର ୱେବ ସାଇଟ www.koraputmunicipality.in ରୁ ଦେଖି ପାରିବେ । **କୋରିଅର ଦ୍ଵାରା କୌଣସି ଟେଣ୍ଡର ପେପର ଗ୍ରହଣ କରାଯିବନାହିଁ ।**

କର୍ତ୍ତୃପକ୍ଷ ସର୍ବୋଚ୍ଚ ଟେଣ୍ଡର ଏବମ ସମସ୍ତ ଟେଣ୍ଡରକୁ ଗ୍ରହଣ କରିବାକୁ ବାଧ ନୁହନ୍ତି ଏବମ ଏଥିପାଇଁ କୌଣସି କାରଣ ଦର୍ଶାଇବାକୁ ବାଧ ନୁହନ୍ତି । ଏହା ବ୍ୟତୀତ କର୍ତ୍ତୃପକ୍ଷ ଚାହିଁଲେ, କୌଣ ସି କାରଣ ନଦର୍ଶାଇ ଟେଣ୍ଡର ରଦ୍ଧ/ ନାକଚ କରିପାରିବେ ।

## ଟେଣ୍ଡର ଗୁଡିକର ବିବରଣୀ

| କ୍ର ସଂ | ସୈରତର ନାମ | ଅଫସେଟ ମୂଲ୍ୟ (୦୧.୬.୨୬ ଠାରୁ ୩୧.୫.୨୭) | ଅମାନତ ମୂଲ୍ୟ (କେବଳ ବ୍ୟାଙ୍କ ଡ୍ରାଫଟ ) | ସୋଲଭେନସସି (କେବଳ ବ୍ୟାଙ୍କ ଡ୍ରାଫଟ) | ଟେଣ୍ଡର ପପେର ମୂଲ୍ୟ |
|---|---|---|---|---|---|
| ୧ | ଦୈନିକ ବଜାର, ସାପ୍ତାହିକ ହାଟ, ନୂତନ ହାଟ ଓ କଂସେଇଖାନା | ୩,୦୬,୩୦୦/- | ୧,୦୦,୦୦୦/- | ୨,୦୦,୦୦୦/- | ୩୦୦୦/- |

ନିଲାମରେ ଭାଗ ନେବାକୁ ଅନ୍ୟାନ୍ୟ ସର୍ତ୍ତାବଳୀ ଟେଣ୍ଡର ପେପର ସହ ପାଇବେ ।

ନିର୍ବାହୀ ଅଧିକାରୀ
ପୌର ପରିଷଦ,କୋରାପୁଟ
5/5/26

ପରିପତ୍ର ସଂଖ୍ୟା- ୨୦୭୮

ତାରିଖ:- ୧୧/୦୭/୨୦୨୫

ଏହାର ଏକକିତା ନକଲ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଭୁବନେଶ୍ୱରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା କି ଉପରୋକ୍ତ ବିଜ୍ଞାପନଟିକୁ ଓଡ଼ିଶାରେ ବହୁଳ ପ୍ରସାର ହେଉଥିବା ଏକ (୧) ଗୋଟି ଦୈନିକ ଓଡିଆ ଖବର କାଗଜରେ ଗୋଟିଏ ଦିନ ପ୍ରକାଶ କରିବା ନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ହେବେ ।

ନିର୍ବାହୀ ଅଧିକାରୀ
ପୌର ପରିଷଦ,କୋରାପୁଟ

ପରିପତ୍ର ସଂଖ୍ୟା- ୨୦୭୯

ତାରିଖ:- ୧୧/୦୭/୨୦୨୫

ଏହାର ଏକକିତା ନକଲ ପରିଷଦର MIS, କୋମ୍ପୁଟର ପ୍ରୋଗ୍ରାମେର,କୋରାପୁଟଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ନିର୍ଦ୍ଦେଶ ଦିଆଗଲା କି ଉପରୋକ୍ତ ବିଜ୍ଞାପନଟିକୁ ଓଡ଼ିଶାରେ ବହୁଳ ପ୍ରସାର ପରିଷଦର ନିଜସ୍ୱ ୱେବ ସାଇଟ www.koraputmunicipality.in ରେ ପ୍ରକାଶ କରିବା ନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ହେବେ ।

ନିର୍ବାହୀ ଅଧିକାରୀ
ପୌର ପରିଷଦ,କୋରାପୁଟ

ପରିପତ୍ର ସଂଖ୍ୟା- ୨୦୮୦

ତାରିଖ:- ୧୧/୦୭/୨୦୨୫

ଏହାର ଏକକିତା ନକଲ, ଜିଲ୍ଲାପାଳ, କୋରାପୁଟ/ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା, କୋରାପୁଟ/ ଉପଜିଲ୍ଲାପାଳ, କୋରାପୁଟ /ତହସିଲଦାର,କୋରାପୁଟ/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋରାପୁଟଙ୍କୁ ସେମାନଙ୍କ ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଅବଗତି ପାଇଁ ଲଗାଇବା ସକାଶେ ଅନୁରୋଧ ଜଣାଇ ପ୍ରେରଣ କରାଗଲା।

ଏହାର ଏକକିତା ନକଲ ପରିଷଦର କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଟଙ୍ଗାଇ ଦିଆଗଲା।

ନିର୍ବାହୀ ଅଧିକାରୀ
ପୌର ପରିଷଦ,କୋରାପୁଟ

# ଟେଣ୍ଡରର ସର୍ତ୍ତାବଳୀ

01.ଟେଣ୍ଡରଦାତାଙ୍କ ନାମରେ ପୌର ପରିଷଦ,କୋରାପୁଟ ମଧ୍ୟରେ ବାସଗୃହ ଥିବା ଆବଶ୍ୟକ । ଟେଣ୍ଡର ସହିତ ଏହାର ପ୍ରମାଣପତ୍ର ଦାଖଲ କରିବେ ।

02.ନିର୍ଦ୍ଧାରିତ ତାରିଖ ଓ ସମୟ ପରେ ଆସିଥିବା କୌଣସି ଟେଣ୍ଡର ଗ୍ରହଣୀୟ ନୁହେଁ ।

03.ଟେଣ୍ଡରଦାତାଙ୍କ ନାମରେ ପୂର୍ବରୁ କୋରାପୁଟ ପୌର ପରିଷଦରେ କୌଣସି ବକେୟା ପ୍ରାପ୍ୟ ଥିଲେ ଟେଣ୍ଡରଟି ଅଗ୍ରାହ୍ୟ ହେବ ଓ ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ ।

04.ଗୃହୀତ ଟେଣ୍ଡର ବାବଦ ସମସ୍ତ ଟଙ୍କାର ଶତକଡା ୫୦ ଭାଗ ତକ୍ଷଣାତ୍ ପୈଠ କରିବେ ଓ ବଳକା ଶତକଡା ୫୦ ଭାଗ ୬ ମାସ ମଧ୍ୟରେ ପୈଠ କରିବେ ଓ ଏଥି ସମ୍ବନ୍ଧୀୟ ଚୁକ୍ତିପତ୍ର ସମ୍ପାଦନ କରିବେ, ନଚେତ୍ ଟେଣ୍ଡରଟି ଅସିଦ୍ଧ କରାଯାଇ ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ ।

05.ସୈରାତରୁ ଆଦାୟ ଫି ଦର ସମ୍ପର୍କରେ କାର୍ଯ୍ୟାଳୟରୁ ବୁଝିପାରିବେ ।

06.ଟେଣ୍ଡର ଫର୍ମ ସହିତ ଟେଣ୍ଡର ଦାତାଙ୍କ ଭୋଟ ପରିଚୟ ପତ୍ରର ନକଲ କିମ୍ବା ଚିହ୍ନଟ ପାଇଁ ଆବଶ୍ୟକୀୟ ପ୍ରମାଣପତ୍ର ଦାଖଲ ଦେବେ ।

07.ବିଭିନ୍ନ କାରଣବଶତଃ ୦୧/୦୬/୨୦୨୬ ଠାରୁ ତା ୩୧/୦୫/୨୦୨୭ ବର୍ଷ ମଧ୍ୟରେ ଟେଣ୍ଡର ମୂଲ୍ୟ ହ୍ରାସ ପାଇଁ ଆବେଦନ ଗ୍ରହଣୀୟ ନୁହେଁ ।

08.ଟେଣ୍ଡରଦାତା ଯେଉଁ ଲୋକଙ୍କ ଦ୍ୱାରା ମହାସୁଲ ଆଦାୟ କରିବେ, ସେମାନଙ୍କ ଠିକଣା ଓ ଦୁଇଟି ଫଟୋ ନିର୍ବାହୀ ଅଧିକାରଙ୍କ ଆଦେଶ ପାଇବାର ୭ (ସାତ) ଦିନ ମଧ୍ୟରେ ଦାଖଲ କରିବେ । ତହିଁରେ ଗୋଟିଏ ଫଟୋ ଅନୁମତି ପତ୍ର ସହ ନିର୍ବାହୀ ଅଧିକାରୀଙ୍କ ଦସ୍ତଖତ ଥାଇ ମହାସୁଲ ଆଦାୟ କରୁଥିବ ବ୍ୟକ୍ତି ନିଜ ପାଖରେ ରଖିବେ । ମହାସୁଲ ଆଦାୟକାରୀ ପୌର ପରିଷଦ ଦ୍ୱାରା ନିର୍ଦ୍ଧାରିତ ପୋଷାକ ବ୍ୟବହାର କରିବେ । କୌଣସି ପୋଲିସ୍ କର୍ମଚାରୀ କିମ୍ବା ପରିଷଦର ପରିଦର୍ଶକ ଅସୁଲକାରୀଙ୍କ ପରିଚୟ ପତ୍ର ଦରକାର ହେଲେ ସେ ତାଙ୍କର ପରିଚୟ ପତ୍ର ଫଟୋ ସହ ଦେଖାଇବେ । ଏହା ଦର୍ଶାଇ ନ ପାରିଲେ, ଆଇନ ଅନୁଯାୟୀ ସଂପୃକ୍ତ ଟେଣ୍ଡରଦାତା କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ଲୋକଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ସେଥିପାଇଁ ସେ ନିଜେ ହିଁ ଦାୟୀ ରହିବେ ।

09.ଟେଣ୍ଡର ଦାଖଲ କରିଥିବା ବ୍ୟକ୍ତିବିଶେଷ କୌଣସି ଭୁଲ ତଥ୍ୟ ଦାଖଲ କରିଥିଲେ କିମ୍ବା ଟେଣ୍ଡର ସମ୍ବନ୍ଧୀୟ କୌଣସି ସର୍ତ୍ତାବଳୀ ଉପରେ ଅଣ୍ଡର ଟେକିଙ୍ଗ୍ ଦେଇଥିଲେ, ତାହା ଗ୍ରହଣ କରାଯିବ ନାହିଁ ଓ ସଂପୃକ୍ତ ଟେଣ୍ଡର ଅଯୋଗ୍ୟ ଘୋଷିତ ହେବ ।

10.ଟେଣ୍ଡରଦାତା ଗତ ୧ବର୍ଷର ଆୟକର ଦାଖଲର ରିଟର୍ଣ ଦାଖଲ କରିବେ ନଚେତ୍ ଟେଣ୍ଡରଟି ଅଯୋଗ୍ୟ ହେବ ।

11.ଦରଖାସ୍ତରେ ଲିଜ୍ ପାଇଁ ସର୍ବାଧିକ କେତେ ଟଙ୍କା ଦେବାକୁ ସମ୍ମତି ଅଛନ୍ତି ତାହା ନିର୍ଦ୍ଦିଷ୍ଟ ଭାବେ ସଂଖ୍ୟା ଓ ଅକ୍ଷରରେ ଲେଖାଯିବ ଯାହାକି ଧାର୍ଯ୍ୟଦର ଠାରୁ କମ୍ ହେବ ନାହିଁ ।

12.ଯେଉଁ ବ୍ୟକ୍ତି ଟେଣ୍ଡର ଦାଖଲ କରିବେ ଲଫାପା ଉପରେ ଟେଣ୍ଡରର ଦାଖଲ କରୁଥିବା ମାହାଲର ନାମ ଉଲ୍ଲେଖ କରିବେ ।

ନିର୍ବାହୀ ଅଧିକାରୀ,
ପୌର ପରିଷଦ, କୋରାପୁଟ

Accepted the above Terms & Conditions

Full signature of the Tenderer